ପ୍ରେସ୍‌ନୋଟ୍

# ଅନୁଗୋଳରେ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ ।

## ପୂଜାରେ ବାଣ ଫୁଟା ଓ ଡି ଜେ ସାଉଣ୍ଡ ବନ୍ଦ ।

ଅନୁଗୋଳ,ତା.୨୩.୦୯ : ଅନୁଗୋଳ ସହରରେ ଓ ଏହାର ପୁରପଲ୍ଲୀରେ ଆନନ୍ଦ ଉତ୍ସାହ ମଧ୍ୟରେ ପାଳନ ହେଉଥିବା ପ୍ରସିଦ୍ଧ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ବ୍ୟବସ୍ଥିତ ଓ ଶାନ୍ତି ଶୃଂଖଳା ସହ ପାଳନ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ପାରମ୍ପରିକ ଭାବେ ଅନୁଗୋଳ ସହରରେ ଏକ ସ୍ୱତନ୍ତ୍ର ଭାଇଚାରା ଓ ଶାନ୍ତି ପ୍ରତିଷ୍ଠାରେ ଖ୍ୟାତି ଅର୍ଜନ କରିଛି । ଏହି ୨ଟି ପୂଜାକୁ ସହର ଓ ଗ୍ରାମାଂଚଳରୁ ଆସୁଥିବା ଶତାଧିକ ଜନସାଧାରଣ ମା ଙ୍କ ଦର୍ଶନ କରିବା ସହ ବିଭିନ୍ନ ମନୋରଂଜନ କାର୍ଯ୍ୟକ୍ରମକୁ ଉପଭୋଗ କରନ୍ତି । ଏହାଛଡା ବିଭିନ୍ନ ରାଜ୍ୟରୁ ଆସିଥିବା ବ୍ୟବସାୟୀମାନେ ବ୍ୟବସାୟ କରି ବେଶ୍ ଦୁଇ ପଇସା ରୋଜଗାର କରନ୍ତି । ଏହି ପୂଜାକୁ ସଫଳତାର ସହ ପାଳନ କରିବା ନିମନ୍ତେ ପୋଲିସ ପ୍ରଶାସନ,କେନ୍ଦ୍ରୀୟ ପୂଜା କମିଟି ଓ ବିଭିନ୍ନ ପୂଜା କମିଟି ଆନ୍ତରିକତାର ସହିତ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ କେନ୍ଦ୍ରୀୟ ପୂଜା କମିଟିର ସଭାପତି ତଥା ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି ଯୋଗ ଦେଇ ପୂଜା କମିଟି ଗୁଡିକ ନିଜ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି ସଫଳତାର ସହିତ ୨ଟି ପୂଜାକୁ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଆସନ୍ତା ମାସ ୧ ତାରିଖ ୦ାରୁ ୫ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୂଜା ଆରମ୍ଭ ହୋଇ ୬ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ସେହିପରି ଆସନ୍ତା ମାସ ୯ ତାରିଖରୁ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ୨୦ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଅନୁଗୋଳ ଉପଜିଲ୍ଲାପାଳ ବୈଠକରେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ବଳ ପୂର୍ବକ ଚାନ୍ଦା ଆଦାୟ ନ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା । ଶବ୍ଦ ପ୍ରଦୁଷଣକୁ ଦୃଷ୍ଟିରେ ରଖି ଶବ୍ଦଯୁକ୍ତ ବାଣ ଓ ଡି ଜେ ସାଉଣ୍ଡ ବାଜିବା ନିଷେଧ କରାଯାଇଛି । କେନ୍ଦ୍ରୀୟ ପୂଜା କମିଟିର ସଭାପତି ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ । ମେଳଣ ପଡିଆରେ ସ୍ଥାନାଭାବ ଯୋଗୁଁ ଶୃଖଳିତ ଭାବେ ଗୋଟିଏ ପରେ ଗୋଟିଏ ମେଢ ମେଳଣ ପଡିଆକୁ ପ୍ରବେଶ କରିବା ନିମନ୍ତେ ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିବେ । ଜନସମାଗମକୁ ଦୃଷ୍ଟିରେ ରଖି ପୂଜାମଣ୍ଡପଗୁଡିକରେ ୨୪ ଘଣ୍ଟିଆ ଜଳ ଯୋଗାଣ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ହୁଲୁରୁସିଂଗା ଛକ ୦ାରୁ ଗାନ୍ଧୀ ମାର୍ଗ ବାଇପାସ୍ ରାସ୍ତା ଦେଇ ରାଜ ହୋଟେଲ ପର୍ଯ୍ୟନ୍ତ ରାସ୍ତାର ମରାମତି କରିବାକୁ ପୂର୍ତ୍ତ ଓ ଜାତୀୟ ରାଜପଥର କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି । ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ,ପାର୍କିଂ ବ୍ୟବସ୍ଥା ଓ ଶାନ୍ତି ଶୃଂଖଳା ବଜାୟ ରଖିବା ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଛି । ସମସ୍ତ ପୂଜା କମିଟିଗୁଡିକ ସ୍ୱେଚ୍ଛାସେବୀ ନିୟୋଜିତ କରିବା ସହ ଭସାଣୀ ଶୋଭାଯାତ୍ରାରେ ଶବ୍ଦ ଯୁକ୍ତ ବାଣ ନ ଫୁଟାଇବାକୁ ପରାମର୍ଶ ଦିଆଯାଇଛି । ଚଳିତ ବର୍ଷ ପୂଜାକମିଟିର ସମସ୍ତ ସଦସ୍ୟମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ । ପୂର୍ବ ବର୍ଷ ଭଳି ପୂଜାକମିଟିଗୁଡିକ ପୂଜାମଣ୍ଡପରେ

ଅଗ୍ନି ନିର୍ବାପକ ସରଂଜାମ ରଖିବାକୁ ସ୍ଥିର ହୋଇଛି । ପୂଜା ସମୟରେ ନିରବଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ବିଭିନ୍ନ ଯାନବାହନ, ଆମ୍ବୁଲାନ୍ସ ଓ ଅଗ୍ନି ସେବା ଗାଡି ଯାତାୟତ ନିମନ୍ତେ ପ୍ରତ୍ୟେକ ପୂଜା କମିଟି ଭୂମୀଠାରୁ ଅନ୍ୟୁନ୍ୟ ୧୮ ଫୁଟ ଉଚ୍ଚତାରେ ସେମାନଂକ ତୋରଣ ନିର୍ମାଣ କରିବା ସହ ଲିଚୁ ଲାଇଟ୍ ଗୁଡିକୁ ୧୮ ଫୁଟ ଉଚ୍ଚତାରେ ଲଗାଇବେ । ସୁପ୍ରିମକୋର୍ଟଂକ ନିର୍ଦ୍ଦେଶକ୍ରମେ ଶବ୍ଦ ପ୍ରଦ୍ୟୁଷଣକୁ ଦୃଷ୍ଟିରେ ରଖି ପୂଜାମଣ୍ଡପଗୁଡିକରେ ରାତି ୧୦ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସହରରେ ଥିବା ରାସ୍ତା ଘାଟ ଓ ନାଳ ନର୍ଦ୍ଦମାଗୁଡିକୁ ସଫା କରିବା, ପରିମଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା,ପାନୀୟ ଜଳ ଯୋଗାଣ କରିବା ଏବଂ ଉତ୍ସବ ସମୟରେ ଦେଶୀ ଓ ବିଦେଶୀ ମଦ କାରବାର ଉପରେ କଟକଣା ଲଗାଇବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ପୂଜାକମିଟି ଗୁଡିକ ଦ୍ୱାରା ପରିବେଷଣ କରାଯିବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୨ ଦିନ ପୂର୍ବରୁ ଆଗୁଆ ଅନୁମତି ନେବାକୁ ସ୍ଥିର କରାଯାଇଛି । ଉଭୟ ପୂଜା ଉତ୍ସବ ସମୟରେ ଚଳାଚଳ କରୁଥିବା ଯାନବାହନ ଗୁଡିକୁ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରାଯାଇ ଏହାର ଗତିପଥ ନିର୍ଦ୍ଧାରଣ କରିବା ସହ ଟ୍ରାଫିକ ବ୍ୟବସ୍ଥାକୁ ସଠିକ୍ ଭାବେ ପରିଚାଳନା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ଶାନ୍ତି ଶୃଂଖଳାର ସହ ଆୟୋଜନ କରିବା,ଉତ୍ତମ ସାଜସଜ୍ଜା ଓ ଆତସବାଜି କାର୍ଯ୍ୟ ପାଇଁ ପୂଜାକମିଟିଗୁଡିକୁ ଜିଲ୍ଲା ବସ ଓ ଟ୍ରକ ମାଲିକ ସଂଘ ତରଫରୁ ୨୦୨୩ ସାଧାରଣତନ୍ତ୍ର ଦିବସ ଅବସରରେ ପୁରସ୍କୃତ କରାଯିବ । ଚଳିତ ବର୍ଷ ଲକ୍ଷ୍ମୀ ପୂଜା ମେଢଗୁଡିକ ଦିନ ୩ ଘଟିକାରେ ଥାନା ଛକକୁ ଆସି ସେଠାରୁ କାଂଚନ ଟକିଜ,ବସଷ୍ଟାଣ୍ଡ,ବଜାର ଛକ ଦେଇ ସମସ୍ତ ମେଢଗୁଡିକ ମେଳଣ ପଡିଆକୁ ସଂନ୍ଧ୍ୟା ୭ ଘଟିକା ସୁଦ୍ଧା ପହଂଚିବାକୁ ସ୍ଥିର କରାଗଲା । ମୂର୍ତ୍ତୀ ବିସର୍ଜନ ସମୟରେ ଜଳ ପ୍ରଦ୍ୟୁଷଣକୁ ଦୃଷ୍ଟିରେ ରଖି ପ୍ରଦ୍ୟୁଷଣ ବୋର୍ଡର ଅଧିକାରୀ ଓ ପୌର ପରିଷଦର କର୍ମକର୍ତ୍ତାମାନେ ସରକାରଂକ ପ୍ରଚଳିତ ନିୟମାବଳୀ ଆଧାରରେ ବିସର୍ଜନ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ଦୁର୍ଗାପୂଜା ବିସର୍ଜନ କାର୍ଯ୍ୟ ନିଜ ନିଜ ଅଂଚଳରେ କୃତ୍ରିମ ଅସ୍ଥାୟୀ ପୋଖରୀରେ କରାଯିବ । ସେହିପରି ଲକ୍ଷ୍ମୀ ପୂଜା ପାଇଁ ଗୋଟିଏ ସ୍ଥାନରେ କୃତ୍ରିମ ଓ ଅସ୍ଥାୟୀ ପୋଖରୀରେ ସାମୁହିକ ବିସର୍ଜନ କାର୍ଯ୍ୟ ଅନୁଷ୍ଠିତ ହେବ । ମୂର୍ତ୍ତୀ ତିଆରିରେ କୌଣସି ପ୍ରକାର କୃତ୍ରିମ ରଂଗ ବ୍ୟବହାର କରାଯିବ ନାହିଁ । ଭସାଣୀ ସମୟରେ ଆମ୍ବୁଲାନ୍ସ,ଅଗ୍ନି ନିର୍ବାପକ ଗାଡି ସଜାଗ ହୋଇ ରହିବାକୁ ପରାମର୍ଶ ଦିଆଯାଇଛି । ପୂଜା ସମୟରେ ୨ ଚକିଆ ଗାଡି ଓ ଚାରି ଚକିଆ ଗାଡି ପାର୍କିଂ କରିବା ନିମନ୍ତେ ଆବଶ୍ୟକ ଷ୍ଟାଣ୍ଡ ପୌରପାଳିକା ତରଫରୁ କରାଯିବ । ପ୍ରକାଶଥାଉକି ଚଳିତ ବର୍ଷ ଅନୁଗୋଳ ସହରରେ ଦୁର୍ଗା ପୂଜା ଉତ୍ସବ ନିମନ୍ତେ ମା ଙ୍କର ୧୧ଗୋଟି ମେଢ ଓ ଲକ୍ଷ୍ମୀ ପୂଜା ଉତ୍ସବ ନିମନ୍ତେ ମା ଙ୍କର ୨୯ ଗୋଟି ମେଢ ପ୍ରତିଷ୍ଠା କରାଯିବ । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ହେମସୁରପଡା ଦୁର୍ଗାପୂଜା କମିଟି ଦ୍ୱାରା ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶେଷରେ ପୂଜା କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କୁ ବୈଠକର ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଥିଲେ । ଏହି ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ପୂଜା କମିଟିର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା . ୫୬୬ ତା. ୨୩.୦୯. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।


District Administration
ANGUL
ଜିଲ୍ଲା ପ୍ରଶାସନ, ଅନୁଗୋଳ